କୃଷ୍ଣକୁମାରୀ

ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ, ଏଲ୍. ଏମ୍. ପି.

ବାଣୀକୁଞ୍ଜବଲ୍ଲୀବୀଥି

ପ୍ରକାଶକ
ଶ୍ରୀ ଅଚ୍ୟୁତକୃଷ୍ଣ ପାଲ

ପ୍ରଥମ ସଂସ୍କରଣ
୧୯୩୯

ପାଞ୍ଚ ପଇସା

ପ୍ରାପ୍ତିସ୍ଥାନ
ପୁସ୍ତକ ଭଣ୍ଡାର
ବାରିପଦା.



ଉତ୍ସର୍ଗ

ହେମାମଣି,

ଆପଣ ପ୍ରତିଭାଶାଳୀ ଭଞ୍ଜବଂଶର ଆନନ୍ଦଦାୟିନୀ ଶାନ୍ତିମୟୀ ଦେବକନ୍ୟା— ପ୍ରତିଭାମଞ୍ଜରୀ ।

ଆଜି ଆପଣଙ୍କ ସ୍ୱନକ୍ଷତ୍ର । ଆପଣ ଆଜି ଜନକ ଜନନୀ ଓ ଗୁରୁଜନମାନଙ୍କ ଶୁଭାଶୀଷରେ ଆପ୍ଲୁତା ।

ଏହି ଶୁଭକ୍ଷଣର ସୁଯୋଗ ପାଇ, ଯେପରି କୌଣସି ନୂତନ ପଦାର୍ଥ ପ୍ରଥମେ ଦେବତାଙ୍କ ନାମରେ ଉତ୍ସର୍ଗ କରାଯାଏ, ସେହିପରି ମୋର ବାଣୀ କୁଞ୍ଜର ପ୍ରଥମ ସୁମନ କୃଷ୍ଣକୁମାରୀ ଭବଦୀୟ କୋମଳ କରକମଳରେ ଦେବାପାଇଁ ଦ୍ୱାରସ୍ଥ ହୋଇଅଛି ।

ସ୍ୱଭାବସୁଲଭ ପ୍ରଫୁଲ୍ଲ ଚିତ୍ତରେ ତାହା ଗ୍ରହଣ କଲେ କୃତାର୍ଥ ମଣିବି ।

ଶ୍ରାବଣ, ୯ ଦିନ ୧୩୪୭
କୃଷ୍ଣ ଦ୍ୱାଦଶୀ—ବାରିପଦା ।

ସ୍ନେହବଦ୍ଧ
ଶ୍ରୀ[illegible]

[illegible]

[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]!

[illegible]
[illegible]
[illegible]

[illegible]

ପୂର୍ବକଥା

'କୃଷ୍ଣକୁମାରୀ' କୋଇଲଛି ଯେ ଦିନେ ଛାପା ହୋଇ ବାହାରିବ, ଏକଥା ସ୍ନେହାସ୍ପଦ ଲେଖକ ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ପାଲ କେବେ ଭାବି ନ ଥିଲେ । ଆଜି ତାହା ମୁଦ୍ରିତ ହେବାର ଦେଖି ୧୯୧୩ ସାଲର ବର୍ଷାଦିନର କଥା ମନେ ପଡୁଛି । ସେତେବେଳେ ଆମ୍ଭେମାନେ ବାରିପଦା ହାଇ ଇଂରାଜୀ ସ୍କୁଲର ଛାତ୍ର—ସ୍କୁଲର ଫ୍ରେଜାର ହୋଷ୍ଟେଲରେ ମହାନନ୍ଦରେ ଦିନ କଟାଉ ଥିଲୁଁ । ମାତୃଭାଷାରେ ସାହିତ୍ୟ ଚର୍ଚ୍ଚା କରିବା ପାଇଁ ଆମ୍ଭମାନଙ୍କର ବିଶେଷ ଉତ୍ସାହ ଥିଲା । ତାହାର ଫଳରେ ଦିନେ ହଠାତ୍ ସ୍ଥିର ହେଲା ଯେ ହୋଷ୍ଟେଲ ଛାତ୍ର ମିଶି ଖଣ୍ଡିଏ ହାତଲେଖା ମାସିକ ପତ୍ର ବାହାର କରି ମନ ଅରମାନ ମେଣ୍ଟାଇବା—ମାସିକ ପତ୍ରିକାର ନାମ ଅନେକ ବଛା ହେଲା—ଶେଷରେ ମୟୂରଭଞ୍ଜର ତତ୍କାଳୀନ ଛାତ୍ର ସମାଜର ଆଦର୍ଶ କଲେଜ ଛାତ୍ର ଶ୍ରୀମାନ୍ ଶ୍ୟାମଚନ୍ଦ୍ର ତ୍ରିପାଠୀ—ଯେ କି ଆଜିକାଲି ଓଡ଼ିଶା ଶିକ୍ଷା ବିଭାଗର ଡାଇରେକ୍ଟର—

'ଜାଗରଣ' ନାମ ପସନ୍ଦ କରିବାରୁ ତାହାହିଁ ରଖାଗଲା । ମାସିକ ପତ୍ରିକା ଚଳାଇବା ପାଇଁ ସମ୍ପାଦକ ଓ ସମ୍ପାଦକୀୟ ସଂଘ ମନୋନୀତ କରାଗଲା । ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ଏହି କର୍ମୀ ସଂଘରେ ମନପ୍ରାଣ ଢାଳି ଦେଇ ସୁବକସୁଲଭ ଅନେକ ଲେଖା ଲେଖିଥିଲେ । ସେ ସମୟର 'ଜାଗରଣ'ର ଅନେକ ବିଶେଷତ୍ୱ ଥିଲା । ସେଥିରେ ଗଳ୍ପ, କବିତା, ପ୍ରବନ୍ଧ ଇତ୍ୟାଦି ମାମୁଲି ଲେଖା ଛଡ଼ା ଚିତ୍ର, ବ୍ୟଙ୍ଗଚିତ୍ର, ଚିତ୍ରଲିପି ଆଦି ସ୍ଥାନ ପାଉଥିଲା । ଅସ୍ମମାନଙ୍କର ଏହି ଉଦ୍ୟମର ମୂଳରେ ଆଉ ଜଣେ ଲୋକ ଥିଲେ—ସେ ସ୍ୱର୍ଗୀୟ ମଧୁସୂଦନ ଦାଶ—ସ୍କୁଲର ସେକେଣ୍ଡ ପଣ୍ଡିତ । ତାଙ୍କର ପ୍ରେରଣାରେ ମୟୂରଭଞ୍ଜର ଛାତ୍ରମାନେ ଅଦ୍ଭୁତ କୃତିତ୍ୱ ଦେଖାଇ ପାରିଥିଲେ । ସେମାନଙ୍କ ମଧ୍ୟରୁ କର୍ମ-ଜୀବନରେ ଯେଉଁ କେତେଜଣ ଓଡ଼ିଶାରେ ସୁନାମ ଅର୍ଜନ କରିଅଛନ୍ତି ତନ୍ମଧ୍ୟରୁ ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ଜଣେ ଅଟନ୍ତି ।' ଡାକ୍ତରୀ ପାଠ ପଢ଼ି ଡାକ୍ତର ହୋଇ ତାଙ୍କର କଲମରୁ ଯେ ଲୋକେ ଔଷଧର ପ୍ରେସ୍କ୍ରିପ୍ସନ ପାଇ ସୁସ୍ଥ ହୁଅନ୍ତି ଏମନ୍ତ ନୁହେ ଅବସର ସମୟରେ—ତାଙ୍କର କଲମରୁ ସୁନ୍ଦର ସୁନ୍ଦର ଲେଖା ମଧ୍ୟ ଆଜିକାଲି ବାହାରି ଆନନ୍ଦ ଦେଉଅଛି । ତାଙ୍କର **କ ଚ ଟ ତ ପ**

ନାମଧେୟ ପ୍ରବନ୍ଧ ଗୁଡ଼ିକରେ ସେହି ସମୟର 'ଜାଗରଣ'ର ଧାରା ରହିଅଛି—'କଷ୍ଟକୁମାରୀ' ଲେଖାଟି ତାଙ୍କର ବାଲ୍ୟସ୍ମୃତିର ଗୋଟିଏ ଅମୂଲ୍ୟ ନିଦର୍ଶନ । ଏବେ ପ୍ରବୀଣ ବୟସରେ ଲେଖାଟି ମୁଦ୍ରିତ ହୋଇଥିଲେ ମଧ୍ୟ ଏଥିରେ କୋମଳମତି ଯୁବକ ପ୍ରାଣର ଉଚ୍ଛ୍ୱାସ ରହିଅଛି । ସେଥିପାଇଁ ଉତ୍କଳର ବ୍ୟାସକବି ସ୍ୱର୍ଗୀୟ ଫକୀର ମୋହନ ସେନାପତି ଏହାର ସୁଖ୍ୟାତି କରି ଅଛନ୍ତି ।

'କଷ୍ଟକୁମାରୀ' ପୁସ୍ତକର ମୁଖବନ୍ଧ ଲେଖିବା ପାଇଁ ଲେଖକ ଯେ ମୋତେ କାହିଁକି ଭାର ଦେଲେ, ତାହାର କାରଣ ସେହି ମଧୁର ସ୍ନେହ ଜୀବନର ସୌହାର୍ଦ୍ଦ୍ୟ । ଏତିକ ଲେଖି ମୁଁ ନିଜକୁ ଧନ୍ୟ ମଣୁଅଛି ।

ବାରିପଦା
ଫଗୁଣ ୧ ଦିନ
୧୩୪୬

ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ଅଭିମତ

ଶ୍ରଦ୍ଧେୟ ବନ୍ଧୁ ଡାକ୍ତର ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲଙ୍କ ଲିଖିତ "କୃଷ୍ଣକୁମାରୀ" ଅଗ୍ରହ ସହିତ ପଢ଼ିଲି । ଲେଖକ ଐତିହାସିକ ଆଖ୍ୟାନଟିକୁ ଆମ ଜାତୀୟ ସାହିତ୍ୟରେ ସୁପରିଚିତ ଓ ସର୍ବଜନାଦୃତ ସରଳ "କୋଇଲି" ଛନ୍ଦରେ ଯେପରି ସୁନ୍ଦର ଭାବରେ ଫୁଟାଇ ପାରିଛନ୍ତି, ସେଥିରେ ତାହାଙ୍କର ଯଥେଷ୍ଟ କୃତିତ୍ୱ ଅଛି । ଆଜକୁ ପ୍ରାୟ ଚବଶ ବର୍ଷ ପୂର୍ବେ ଲେଖକଙ୍କ ଛାତ୍ରାବସ୍ଥାରେ ରଚିତ ହୋଇଥିଲେହେଁ, ଏଥିରେ ନିପୁଣ ଲେଖନୀର ସ୍ପଷ୍ଟ ପରିଚୟ ମିଳେ । ପୂଜ୍ୟପାଦ ବ୍ୟାସ କବି ଫକୀର ମୋହନଙ୍କ ସସ୍ନେହ ଅନୁକୂଳ ମନ୍ତବ୍ୟ ପରେ ଏହାର ଅନ୍ୟ ପରିଚୟିକା ନିଷ୍ପ୍ରୟୋଜନ । ଅବସର ଉପଯୋଗୀ ସ୍ତ୍ରୀ-ପାଠ୍ୟ ପୁସ୍ତିକାମାନଙ୍କ ମଧ୍ୟରେ 'କୃଷ୍ଣକୁମାରୀ' ଉଚ୍ଚ ଆସନ ଅଧିକାର କରିବ । ଏଥିରେ ମୁଁ ନିଃସନ୍ଦେହ ।

ତା ୧୨-୨-୩୯
ବାରିପଦା

ଶ୍ରୀ ଶଚୀନ୍ଦ୍ର ନାଥ ଦାସ

କୃଷ୍ଣକୁମାରୀ

କୋଇଲି

ଅନୁପମା ଭାରତମାତାର
ଅଙ୍କେ ଶୋଭୁଥିଲେ କେତେ ସୁସନ୍ତାନ ତାର
ଲୋ କୋଇଲି ।

ଅକ୍ଷୟ କୀରତି ଯୋଗେ ଆଜି
ଅଜର ଅମର ଯେହୁ କାଳ-ଗର୍ବ ଭାଙ୍ଗି ଲୋ ।

ଆପାମର ଜପି ତାଙ୍କ ନାମ
ଆଜଯାଏ କରୁଛନ୍ତି ସାର୍ଥକ ଜନମ ଲୋ ।

ଆପଣାର ପ୍ରିୟ ଧନେ ପ୍ରାଣେ
ଆକ୍ଷେପ ନ କରି ଦିଏ ମୁଦେ ଦେଶମାନେ ଲୋ ।

ଇତିହାସେ ମରି ଯେ ଅମର
ଇଙ୍ଗିତେ ଯାଙ୍କର ନାମ ଆଣେ ନବ ବଳ ଲୋ ।

ଇନ୍ଧନ ଯୋଗାଏ ମାତୃ ଯାଗେ
ଇରମ୍ମଦ ପରି ବୁଲେ ଭକତି ସମ୍ବେଗେ ଲୋ ।

ଈଶେ ଧ୍ୟାୟି ସେହି ଗାଥା ଭୁହି
ଈର୍ଷା ତେଜ ମା ଭଉଣୀ ପାଶେ ଗାଅ ଯାଇ ଲୋ ।

ଈଶାଗ୍ରେ କରନ୍ତୁ କଲ୍ୟାଣ
ଈଷତ କଥାରେ କେବେ ନୋହୁ ମ୍ରିୟମାଣ ଲୋ ।

ଉପକାର ପାଇଁ ଭାରତର
ଉଡୁଥିଲା ବିଜୟ କେତନ ଦିନେ ଯାର ଲୋ ।

ଉପଦ୍ରବେ ପ୍ରାଣ ଦିଏ ଯହିଁ
ଉତ୍ତମାଙ୍ଗ ଦିଏ ନାରୀ ମାନ ରକ୍ଷା ପାଇଁ ଲୋ ।

ଊର୍ଜସ୍ୱଳ ସେହି ରାଜ ସ୍ଥାନେ
ଊଣା କଲୁ ଅପଯଶ ନିଜ ପ୍ରାଣ ଦାନେ ଲୋ ।

ଋଜୁ କୃଷ୍ଣକୁମାରୀ ରୂପସୀ
ଋଦ୍ଧି କଲୁ ମାତୃଭୂମି ଯଶ ରୂପୀ ଶଶୀ ଲୋ ।

ଏକା ସେହ୍ନ ବାପମାଆଙ୍କର
ଏଣୁ ପାଉ ଥିଲ ସବୁ ବାତ୍ସଲ୍ୟ ଆଦର ଲୋ ।

ଐର ତାର ନ ଥିଲଟି କେହ୍ନ
ଐକ୍ୟ ମନ୍ତ୍ର ଜପୁଥିଲ ଦିନ ସ୍ୱପ୍ନେ ସେହ୍ନ ଲୋ ।

ଓଲାଇଣ ହୃଦୟ-ପେଟିକା
ଓଠାର ପ୍ରରଲ ତହିଁ ନାହ-ଗୁଣ-ଟୀକା ଲୋ ।

ଓଢ଼ଣାକୁ ଓଟାରିଲେ ଥରେ
ଓତପ୍ରୋତ ହୁଏ ବଶ୍ୟ ତା ରୂପ ଚୂଣରେ ଲୋ ।

ଔତ୍ସୁକ୍ୟ ହୋଇଲ ଅସମ୍ଭାଳ
ଔଦାର୍ଯ୍ୟ ଗୁନ୍ଥିବ କେହ୍ନେ ଗୁଣ-ଫୁଲ-ମାଳ ଲୋ ।

କୁମାରିତ୍ୱ କଟିଗଲ ତାର
କଅଁଳଆ ଦେହେ ହେଲ ଯୌବନ ସଞ୍ଚାର ଲୋ ।

ଖଞ୍ଜନ ନୟନ ଗୁଣ ସ୍ୱଶି
ଖରେ କ୍ଷଣେ ସଞ୍ଚରଲ ଖଗ ସମ ଦିଶି ଲୋ ।

ଗମଇଁ ଫୁଟିଲ୍ ଫୁଲେ ଯଥା
ଗୁଣୁ ଗୁଣୁ ଗାଇ ଅଳି ଫୁଲ-ଗୁଣ-ଗାଥା ଲୋ ।

ଗୁପତ ମନ୍ତର ମନେ ଗୁଣି
ଗରିଷ୍ଠ ମଣି ନିଜକୁ ଧରା ସରା ଗଣି ଲୋ ।

ଘନ ଘନ ସ୍ୱଜନ୍ୟ ମଣ୍ଡଳ
ଘାରି ହେଉଥିଲେ କେତେ କୃଷ୍ଣାରୂପ ଭଳ ଲୋ ।

"ନ ଅର୍ପିଲେ କନ୍ୟା-ରତ୍ନ ହାତେ
ନ ରହିବ ସ୍ୱର୍ଗ୍ୟ" ଉଚେ ବୋଇଲେ ସମସ୍ତେ ଲୋ ।

"ନଗ୍ନଯୁଧ କରିବୁଁ ସ୍ୱଜନ
ନର-ନାରୀ-ଶୂନ୍ୟ ହେବ, ଯିବ ସ୍ୱଜପଣ" ଲୋ ।

ଚିନ୍ତି ଚିନ୍ତ ଭୀମ ସିଂହଙ୍କର
ଚପଳ ହୋଇଲା ମନ, ଆକୁଳ ଅନ୍ତର ଲୋ ।

ଛାରି ସ୍ୱଜପଣ, ପ୍ରାଣେ ଡରି
ଛାଡିକି ଫୁଲାଇ ନ ରହିଲେ ଦମ୍ଭ ଧରି ଲୋ ।

ଛଳାଇବେ କେସନେ ଶପଥେ
ଛାଡ଼ି ପଳାଇଲା ବୃଦ୍ଧ ଚନ୍ଦ୍ରା ପଧେ ପଦେ ଲୋ ।

ଜନକ ପଡ଼ିଲେ ପରମାଦେ,
ଇଲଙ୍କା ହୋଇଲେ ସେନା ଶଷମ ଶଷାଦେ ଲୋ ।

କଷ୍ଟୁ ସଙ୍ଗେ ଯୁଝିବାର ବୀର
ଇମ୍ଭୁକ ପସ୍ତ୍ରେ ହେଲେ ଭୟରେ ଅସ୍ଥିର ଲୋ ।

ଛିଅ କଥା ନ ଭାବଣ ଥରେ
ଝଟତି ଗମିଲେ କ୍ରୂର-ମନ୍ତ୍ରଣା ପଥରେ ଲୋ ।

" ନ ମାରିଲେ କୃଷ୍ଣା ସୁକୁମାରୀ
ନାହିଁ ଟି ନିସ୍ତାର, ସବେ ହୋଇବେ ଭିଗାରୀ ଲୋ ।

" ନଗଣ୍ୟ ନାରୀର ରୂପ ପାଇଁ
ନାନା ଅରିଷ୍ଟ ହୁଆଇ ଲଭ୍ କଷ୍ଟ ନାହିଁ " ଲୋ ।

ଟାଲିଲେ ନାହିଁ ଏ ଖଳ-ବାଣୀ
ଝୀକା ପସ୍ଏ ଘେନଲେ, କଷ୍ଟ ହେଁ ନ ମାନ ଲୋ ।

ଠବେ ପର-ବୁଦ୍ଧିଆ ସତତ
ଠୁଲେ ବଟଙ୍ଗି ସେଷ୍ଟ ଭବେ, ହୋଇ ସନ୍ତ୍ରପନ୍ତ୍ର ଲୋ ।

ତେଣୁଁ ପଡ଼ି ପାପ–ଅନ୍ଧ–କୂପେ,
ତଡ଼ାଇଣ ଘାତୁକକୁ ପଠାଇଲେ ଚୁପେ ଲୋ ।

ତାଳେ ଚାହିଁ ସେ କୃଷ୍ଣା–ରୂପସୀ,
ଢିଲ୍ ହୋଇ ଖସିଲ୍ ତା ମୁଷ୍ଟିଗତ ଅସି ଲୋ ।

ତମ ପଣ ଗଲ୍ କାହିଁ ତାର
ତେମଣା ପସ୍ୱଏ ହେଲ୍ ହୋଇଣ ଗୋଖର୍ ଲୋ ।

ନ ହେବାରୁ କାମନା ସଫଳ
କ୍ରୁଧା ବୁଦ୍ଧି ହେଲ୍ ଏବେ ଦେବେ ହଳାହଳ ଲୋ ।

ତାପିତ ଅନ୍ତରେ କ୍ରୂର ତାତ
ତନୟା ବନାଶେ ଫନ୍ଦି ପାଞ୍ଚିଲେ ତୁରନ୍ତ ଲୋ ।

ଭିଆର ତାତ୍ପର୍ଯ୍ୟ ପୋଇଲୁକ
ତଦ୍‌ବୀରେ ଭୁହାଇ ପଠାଇଲେ କୃଷ୍ଣାଠିକା ଲୋ ।

ଭଠେକା ଝିଆର ବିଷ ନେଇ
ତର ତରେ ଉଭା ଦାସୀ କୃଷ୍ଣା ପାଶେ ଯାଇ ଲୋ ।

ଥଙ୍ଗ ଥଙ୍ଗ ହୋଇଣ [illegible]
ଥରଥରେ ଥନଥନେ ଥିରେ ବହେ ଓଲୀ ଲୋ ।

“ଥୟ୍ୟ ଧର ମନକୁ ଭୁମ୍ବର
ଥିର ହୋଇ ପିତୃ ଆଜ୍ଞା ଶପ ପାନ କର” ଲୋ ।

ଦଣ୍ଡକରେ ଏ ପାପର କଥା
ଦହିଲା ଜନ-ହୃଦୟ, ଘୂରାଇଲା ମଥା ଲୋ ।

ଦ୍ରୋହୀ ପ୍ରଜା ଦଉଡ଼ନ୍ତ ଦାଣ୍ଡେ
ଦମ୍ଭେ ଦୀଣ୍ଡି କରିବାକୁ ସ୍ୱଜ ଆଜ୍ଞା ଚାଣ୍ଡେ ଲୋ ।

ଧନ ଧନ ଡାକଣ କନ୍ୟାକୁ
ଧାଇଁ କୋଳ କଲେ ରାଣୀ ଧିକ୍କାର ରାଜାଙ୍କୁ ଲୋ ।

ଧିକ ବୀର ଧରଣୀ ଈଶ୍ୱର
ଧୂମକେତୁ, ଯାମଘୋଷ ନକ୍ଷତ୍ର ନିଷ୍ଠୁର ଲୋ ।

ଧମନୀରେ ନାହିଁ ବୀରରକ୍ତ
ଧୂଳି ଧରୁ କନ୍ୟା ନାଶେ ବଳାଇଛ ମତ ଲୋ ।

ମୁଁ ଶିଶୋଦିଆ ଜାତି ରାଜପୁତ
ଧାନେ ଅପମାନେ ପଶୁ ପିଅଇ ରକତ ଲୋ ।

ଧରି ଯେଉଁ ରାଜପୁତ ନାମ
ଧ୍ୱଂସୁଛ ନ କରି ରକ୍ଷା ରମଣୀର ମାନ ଲୋ ।

ନ ଖାଇବା ପାଇଁ ହଳାହଳ
ନାନା କଥା କହୁ ଜାଣି ହୋଇଲେ ବିକଳ ଲୋ ।

ନ ରହିବା ଏ ରାଜ୍ୟରେ ଆଉ
ନାରୀ-ହତ୍ୟା ପାପ ଯହିଁ ଜଳେ ଦାଉଦାଉ ଲୋ ।

ନାହିଁ ଯହିଁ ଧରମ କରମ
ନୃଶଂସ ରାଜ୍ୟରୁ ଯିବ ନେଇ କନ୍ୟା-ରତ୍ନ ଲୋ ।

ନେବ କିଏ ମୋ କୋଳରୁ ଛାଡି
ନଷ୍ଟସ୍ତ୍ରୁ ରଖିବ କନ୍ୟା ମାତୃବକ୍ଷ ପାତି ଲୋ ।

ପାଞ୍ଚି କସ ମନରେ କୁମାରୀ
ପାନ କରିବାକୁ ବିଷ କରଇ ଗୁହାରି ଲୋ ।

"ଫଳିବ ମା ଯା ଥିବ ଭାଗ୍ୟରେ
ଫଳରେ ନାହିଁ ହାତ ଅଛି କର୍ମରେ ଲୋ ।

" ବରବ ମା ମୃତ୍ୟୁ
ବଡ଼ ଆଶା ଅଛୁ ପିତୃ–ଆଜ୍ଞା ପାଳନରେ ଲୋ ।

" ଭାସ୍ୱର ଗୋ ତୋହର ଦୀପ୍ତିରେ
ଭୀତି ନାହିଁ ସେଥି ପାଇଁ ମୃତ୍ୟୁ ବରଣରେ ଲୋ ।

"ମରଣଠୁଁ ନିସ୍ତାର ତ ନାହିଁ,
ମାରିବ ନିଷ୍ଠୁର ଦିନେ, ଜୀବେ ଥିଲେ ରହି ଲୋ ।

" ଯୌବନ ଜୀବନ ଆଉ ଧନ
ଯିବ ଗୁଳି ଦିନେ ସବୁ—, ଯଶ ଚିରଦିନ ଲୋ ।

" ରଖି ମୁହିଁ ଏ ଛାର ଜୀବନ
ରାଜ୍ୟ, ପିତା ମାତା କଷ୍ଟ ଦେଖିବ କେମନ ଲୋ ।

ଲଭେ ବଳ ଦେବ ଏ ଜୀବନ
ଲକ୍ଷ୍ମୀ ରଖି ମାତୃ ଭୂମି ମଙ୍ଗଳ କାରଣ" ଲୋ ।

ବୋଲି ଏତେ ଖାଇ ଦେଲା ବିଷ
ବଧି ନ ପାରିଲା ମୃତ୍ୟୁ ଦେଖି ତା ସାହସ ଲୋ ।


୯ ୭.୧୮ ତିନି ଥର ବଷ ପାନେ
ଶୋଇଲା କୁମାରୀ ହସି ଅନନ୍ତ ଶୟନେ ଲୋ ।

ଷୋଡ଼ଶୀ ସେ ଥିଲା ଦେବ-ବାଳା
ଷଡ଼ରତୁ ଙ୍କର ଗୁନ୍ଥୁଛନ୍ତି ଯଶ-ମାଳା ଲୋ ।

ସଂସାରକୁ ଦେଲା ସାର ଶିକ୍ଷା
ସୁସନ୍ତାନେ ଦେଖାଇଲା ମାତୃ ସେବା ଦୀକ୍ଷା ଲୋ ।

ହଜି ଗଲା ଦୁର୍ଲ୍ଲଭ ରତନ
ଦ୍ୱତଶିର ଆଜି ସିନା ତାର ଜନ୍ମ ସ୍ଥାନ ଲୋ ।

ସ୍ମୃତ ଆଜ ତା ପାଇଁ କ୍ଷୀରୋଦ*
ଖୋଜେ ମାଆ ପଦେ ଲୋଟି ଶୋକେ ସେ ସମ୍ପଦ ଲୋ ।



*କ୍ଷୀରୋଦ—ସମୁଦ୍ର—ଯେଉଁଠାରେ ବଙ୍ଗୋପସାଗର, ଭାରତ ମହାସାଗର
ଏବଂ ଅତଳନ୍ତ ସାଗରର ଲକ୍ଷ୍ୟ ସ୍ଥିର ଯାଉଅଛି ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍, ବାରିପଦା ।